# ପ୍ରତ୍ୟାବର୍ତ୍ତନ[୧]

ଫେରିବାର ପ୍ରତିଶ୍ରୁତି ମିଳିନାହିଁ ॥
ମିଳିନାହିଁ ଭୟର ଲୁଚକାଳିରୁ ମୁକ୍ତି ॥
ଅହରହ ଆଗଭଳି
ଅପରିଚିତ କାନ୍ଦ ସବୁ
କାନକୁ ଧସେଇ ପଶୁଛି!!

କିଏ କାନ୍ଦୁଛି?
ବ୍ୟସ୍ତ ରାତିର ଅଜ୍ଞାତ ପ୍ରହରରେ
ଆସକ୍ତିହୀନତାର ସ୍ଥିତି ପରି
କିଏ ସେ ବଖାଣି ଚାଲିଛି
ଅନ୍ଧ ଆୟୁଷର ଶେଷ ନିୟତି.... ॥
ହୁରୁଡ଼ି ଯାଇଥିବା ଅସ୍ପଷ୍ଟ ପ୍ରତ୍ୟୟ ବି
ଦିଶୁଛି ମିଛର ଅବିକଳ ମୁହଁ ପରି ॥

କ'ଣ ତମେ ବୁଝି ପାରୁନ
ଜାଲୁ ଜାଲୁଆ ସମୟ ହିଁ
ହୋଇପାରେ
ଆମରି ଗୁପ୍ତ ଆତତାୟୀ ॥
ନହେଲେ
କେମିତି ଅଡ଼ି ବସନ୍ତ!
ଅଧବାଟରୁ ହିଁ ଫେରି ଆସିବାକୁ
ନିଘଞ୍ଚ ଶୂନ୍ୟତା!!

ଜୀଅନ୍ତାପାପର ଚାପାସ୍ୱର
ଓଗାଳି ଛିଡ଼ାହୁଏ ରାସ୍ତାଘାଟ
ଓ ଟାଣି ଧରେ
ଇର୍ଷା, ଅସୂୟାର ନିର୍ମମ ଲମ୍ବା ହାତ ॥
ହେଲେ କ'ଣ ଫେରି ହୁଏ?
ଫେରିବାକୁ ଓଲଟିଲେ
ଖିଲ୍ ଖିଲ୍ ହସି ଉଠେ
ଭାଗ୍ୟର ବିଦ୍ରୋହୀ ଛାଇ
ନା ରେ ତୁ ଆଉ କାନ୍ଦନା

---
[୧] ପ୍ରତିବେଶୀ – ୧୯୯୯ –ନୂତନବର୍ଷ– ଜାନୁଆରୀ

ଫେରିବା ବି ନ ଫେରିବା ଭଳି
ଅଣନିଃଶ୍ୱାସୀ ରାସ୍ତା ତ
ଆମକୁ ସର୍ବଦା ଆବୋରି ବସିଛି!!